## ଆଦିବାସୀ ମେଳା-୨୦୧୬

ଆଦିବାସୀ ମେଳା ଆଜି ତାର ତ୍ରୟୋଦଶ ଦିନରେ ପହଞ୍ଚିଛି । ମେଳା ଶେଷ ହେବାକୁ ଆହୁରି ୨ ଦିନ ବାକି ଥିବାବେଳେ ଗୃହିଣୀମାନେ ସେମାନଙ୍କ ରୋଷେଇ ଶାଳର ଆବଶ୍ୟକ ସାମଗ୍ରୀ କିଣିବାରେ ତତ୍ପରତା ଦେଖିବାକୁ ମିଳିଥିଲା । ମେଳାର ମଉଜ ନେଉ ନେଉ ରାତ୍ର ୯ଟା ହୋଇଯାଇଥିବାରୁ ବ୍ୟସ୍ତ ବ୍ୟବ୍ରତ ଗୃହିଣୀମାନେ ତା' ପରଦିନ ଅପରାହ୍ନ ୨ଟାରୁ ଆସି ସଅଳ ସଅଳ ତାଙ୍କ ଆବଶ୍ୟକ ସାମଗ୍ରୀ କିଣିନେବାର ଉତ୍ସାହ କିଛି କମ୍ ନଥିଲା ମେଳାରେ ।

ସୁଦୂର ନବରଙ୍ଗପୁର ଅଂଚଳରୁ ଆସିଥିବା ଟେରାକୋଟା ଗୋଷ୍ଠୀଙ୍କ ମନ୍ତବ୍ୟ ଥିଲା ବେଶ୍ ମନଛୁଆଁ । ଆମ ହାତ ତିଆରି ଜିନିଷର ଚାହିଦା ଏଠି ବହୁତ ଭଲ । ଏଠିକାର ଗରାଖଙ୍କ ପସନ୍ଦକୁ ବିଗତ ୫ ବର୍ଷ ହେଲା ଆମେ ଜାଣି ଆସୁଛୁ ଏବଂ ତଦନୁରୂପ ବରାଦ ମୁତାବକ ନୂଆ ନୂଆ ଜିନିଷ ତିଆରି କରି ଯୋଗାଇବାରେ ଆମେ ଚେଷ୍ଟିତ ଅଛୁ । ଚୁଲି, ହାଣ୍ଡି, କଡେଇ ଏବଂ ତାୱା ର ଚାହିଦା ଏଠି ବହୁତ ବେଶି । ମାତ୍ର ଏତେ ଦୁରରୁ ଆଣି ସେମାନଙ୍କୁ ଯୋଗାଇବା ବ୍ୟୟସାପେକ୍ଷ ହୋଇଥାଏ । ମାଟି ଜିନିଷ ସତକର୍ତାର ସହ ନ ଆଣିଲେ ଭାଙ୍ଗିଯିବାର ସମ୍ଭାବନା ଅଧିକ । ଉପଯୁକ୍ତ ପ୍ୟାକିଙ୍ଗ୍‌କରି ଆଣିବାରେ ଆମକୁ ଅଧିକ ଖର୍ଚ୍ଚ କରିବାକୁ ପଡେ । ସେହିପରି କେନ୍ଦୁଝର ଜିଲ୍ଲାରୁ ଆସିଥିବା ଟେରାକୋଟା ସାମଗ୍ରୀ ମଧ୍ୟ ଏଠି ଭଲ ବଜାର ନେଇପାରିଛି । ଧନ୍ଦାମୂଳକ ଶିକ୍ଷାରେ ପ୍ରୋତ୍ସାହିତ କରାଯାଉଥିବା ଏହି ଶିଳ୍ପର ବଜାର ଚାହିଦା ଯଥେଷ୍ଟ ଥିବାରୁ ଲୋକମାନେ ଖୁବ୍ ଉତ୍ସାହିତ ହୋଇଛନ୍ତି । ମେଳା ସରି ସରି ଆସୁଥିବାରୁ ଏମାନଙ୍କ ପ୍ରସ୍ତୁତ ସାମଗ୍ରୀ ଠିକ୍ ଭାବରେ ଗରାଖମାନଙ୍କୁ ଯୋଗାଇପାରୁନଥିବା ନେଇ ଦୁଃଖ ପ୍ରକାଶ କରୁଥିଲେ ମଧ୍ୟ ବଜାର ଚାହିଦାକୁ ନେଇ ଆସନ୍ତା ବର୍ଷ ପୁଣି ଏହି ମେଳାରେ ଯୋଗଦେବାପାଇଁ ସେମାନେ ଆଶାବାଦୀ ବୋଲି ମନ୍ତବ୍ୟ ଦେଇଥିଲେ ।

ଆଜିର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଇ.ଟି.ଡି.ଏ. ଉଦଳା, ଆଇ.ଟି.ଡି.ଏ କରଞ୍ଜିଆର ଜନଜାତି ଓ ଇ.ଏମ୍.ଆର୍.ଏସ୍ ଧାନଘେରା ସ୍କୁଲର ଛାତ୍ରଛାତ୍ରୀଙ୍କ ନୃତ୍ୟ ଦର୍ଶକମାନଙ୍କ ମଧ୍ୟରେ ବେଶ୍ ପ୍ରଂଶସିତ ହୋଇପାରିଥିଲା ।

## ଆଦିବାସୀ ମେଳା-୨୦୧୬

### ଫୁଲ, ଫଳ ଓ ସବୁଜ ପରିବାର ଅପୂର୍ବ ସମ୍ଭାର

ରାଜଧାନୀର ଜନସାଧାରଣଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଆଦିବାସୀ ମେଳାର ମଧ ଭାଗରେ ରହିଛି ଏକ ଗୋଲାକାର କକ୍ଷ । ତାହାରି ଭିତରେ ଦେଖିବାକୁ ମିଳୁଛି ପନ୍ଦରଟି ସୁଦୃଶ୍ୟ ଷ୍ଟଲ୍, ଯାହା ଦର୍ଶକଙ୍କୁ ସ୍ୱତଃ ଟାଣିନେଉଛି ନାନା ଜାତି, ନାନା ରଙ୍ଗର ଫୁଲ, ଫଳ ଓ ସବୁଜ ପନିପରିବାର ଅପୂର୍ବ ଶୋଭା ଉପଭୋଗ କରିବା ପାଇଁ । ଗୋଲାକାର କକ୍ଷର ମଧ ଭାଗକୁ ବିଭିନ୍ନ ଗଙ୍ଗର ଫୁଲରେ ସଜାଇ ଏଭଳି ମନଲୋଭା କରାଯାଇଛି ଯେ, ଗୋଟିଏ ପରେ ଗୋଟିଏ ଷ୍ଟଲକୁ ବୁଲି ଦେଖୁଥିବା ଦର୍ଶକ ମୁହୂର୍ତ୍ତକ ପାଇଁ ଫୁଲର ସମ୍ଭାର ଭିତରେ ନିଜକୁ ହଜାଇ ଦେଉଛି । ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଓଡିଶା ପକ୍ଷରୁ ଖୋଲିଥିବା ଏହି ଷ୍ଟଲଗୁଡିକରେ କେବଳ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା, ଫଳ ଓ ଫୁଲ ପ୍ରଦର୍ଶିତ ହେଉନାହିଁ, ଏ ସବୁର ଉତ୍ପାଦନ ଓ ସଂରକ୍ଷଣ ସମ୍ପର୍କରେ ବୁଝାଇଦେବାର ବ୍ୟବସ୍ଥା ହୋଇଛି । ଏଥିପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଉନ୍ନତ ମାନର ଯନ୍ତ୍ରପାତି ମଧ ମଣ୍ଡପ ଭିତରେ ପ୍ରଦର୍ଶିତ ହେଉଛି । ଚାଷୀମାନଙ୍କ ଉଦ୍ୟାନରୁ ସଂଗୃହୀତ ସବୁଜ ପନିପରିବା ଦେଖିବାକୁ ଓ କିଣିବା ପାଇଁ ଦର୍ଶକଙ୍କ ବେଶ୍ ଭିଡ ଜମୁଛି । ରାଜଧାନୀ ଉପକଣ୍ଠବର୍ତ୍ତୀ ଡେରାସ୍ କୃଷି ଫାର୍ମରେ ଅମଳ ହେଉଥିବା ଟମାଟୋ, କ୍ୟାପ୍‌ସିକମ୍ ଆଦି ପରିବା ଓ ଫୁଲ ଦର୍ଶକଙ୍କୁ ଯେତିକି ଆକର୍ଷିତ କରୁଛି, ଟିସୁ କଲଚର୍ ମାଧ୍ୟମରେ ବନ୍ତଳ କଞ୍ଚାକଦଳୀ ଉତ୍ପାଦନ ପ୍ରଣାଳୀ ସେତିକି କୌତୁହଳ ସୃଷ୍ଟି କରୁଛି ।

ନିର୍ଦ୍ଦେଶାଳୟ ପକ୍ଷରୁ ଏ ସମ୍ପର୍କରେ ପ୍ରକାଶିତ ବିଭିନ୍ନ ପୁସ୍ତିକା ଦର୍ଶକଙ୍କୁ ଯୋଗାଇ ଦିଆଯାଇ ଉତ୍ସାହିତ କରାଯାଉଛି । ସବୁଜ ଗୃହ, ସୁରକ୍ଷିତ ଚାଷ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଉଦ୍ୟାନ କୃଷି ଯନ୍ତ୍ରପାତି, ଆଳୁ ମିଶନ୍ ଆଦି ନାନା ଶୀର୍ଷକରେ ଷ୍ଟଲ ଗୁଡିକ ଖୋଲାଯାଇଛି । କେତେକ ଷ୍ଟଲ୍‌ରେ ଚାଷକୁ ସୁରକ୍ଷିତ କରିବା ପାଇଁ ଘର ଭିତରେ ଚାଷ କରାଯିବାର ପ୍ରଣାଳୀ ପ୍ରଦର୍ଶନ କରାଯାଇଥିବା ବେଳେ ଚାଷ ସମ୍ପର୍କରେ ବୁଝାଇ ଦିଆଯାଉଛି । ଏଥିପାଇଁ ଛୋଟଘର ଓ କ୍ଷେତବାଡିର ଅବିକଳ ନମୁନା ପ୍ରଦର୍ଶିତ ହେଉଛି । ନଡିଆ ଚାଷକୁ ଲୋକପ୍ରିୟ କରାଇବାକୁ ଆଭିମୁଖ୍ୟ ପୋଷଣ କରି ସେ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦର୍ଶିତ ହେଉଛି । ସେହିପରି ଫୁଲ, ଫଳ ଓ ସବୁଜ ପନିପରିବାକୁ ଦୀର୍ଘଦିନ ସତେଜ ରଖିବା ପାଇଁ ପ୍ରଦର୍ଶିତ ହେଉଥିବା ଶୀତଳୀ କରଣ ଯନ୍ତ୍ର ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି ।

ଅନ୍ୟ କେତେକ ଷ୍ଟଲ୍‌ରେ ଛତୁଚାଷ ଓ ଆଳୁଚାଷକୁ ପ୍ରୋତ୍ସାହନ ଦେବାପାଇଁ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଉଛି । ରାଜ୍ୟରେ ଆଳୁର ଅଭାବ ଦୂର କରିବାକୁ ସରକାର ନିକଟରେ ଆଳୁମିଶନ ଗଠନ କରିଛନ୍ତି । ଆଗାମୀ ଦିନରେ ଏହି ମିଶନ୍‌ର ଲକ୍ଷ୍ୟ ନେଇ ସଂପୃକ୍ତ ଷ୍ଟଲ୍‌ରେ ପୂର୍ଣ୍ଣାଙ୍ଗ ତଥ୍ୟ ଉପଲବ୍ଧ ହେଉଛି । ମୋଟାମୋଟି ଭାବରେ ଆଦିବାସୀ ମେଳାରେ ଦର୍ଶକମାନଙ୍କର ବେଶ୍ ମନମୋହି ପାରୁଛି ଫୁଲ, ଫଳ ଓ ସବୁଜ ପନିପରିବାର ଏହି ମନୋରମ ସମ୍ଭାର ।